# NATIONAL NEWS BULLETIN (ODIA)

**9 June- 2025**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗତ ୧୧ବର୍ଷ ମଧ୍ୟରେ କାର୍ଯ୍ୟଦକ୍ଷତା ଓ ଦାୟିତ୍ୱପୂର୍ଣ୍ଣ ଶାସନ ପ୍ରଦାନ କରିଛି - କହିଲେ ଜେ.ପି ନଡ୍ଡା

- ଦେଶବ୍ୟାପୀ ଆଜି ପାଳନ କରାଯାଉଛି ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ଶ୍ରାଦ୍ଧବାର୍ଷିକୀ ।

- ଅନ୍ତର୍ଜାତୀୟ ଯୋଗଦିବସ ସମାରୋହର ଅଂଶବିଶେଷ ଭାବେ ଆଜିଠରୁ AIIA ଆୟୋଜନ କରିଛି ତିନିଦିନିଆ ଆଏଙ୍ଗର ଯୋଗ କର୍ମଶାଳା ।

ଏବଂ

- ବାଣିଜ୍ୟିକ ବିବାଦର ସମାଧାନ ପାଇଁ ଆମେରିକା ଓ ଚୀନ୍ ଆଜି ଲଣ୍ଡନଠାରେ କରିବେ ଆଲୋଚନା ।

# ନଡ୍ଡା–୧୧ ବର୍ଷ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କାର୍ଯ୍ୟଦକ୍ଷତାର ରାଜନୀତି, ଦାୟିତ୍ୱପୂର୍ଣ୍ଣ ଶାସନ ପ୍ରଦାନ କରି ଦେଶର ରାଜନୈତିକ ସଂସ୍କୃତିକୁ ପରିବର୍ତ୍ତନ କରିଛନ୍ତି ବୋଲି ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ ପ୍ରସାଦ ନଡ୍ଡା କହିଛନ୍ତି । ମୋଦୀ ସରକାରଙ୍କ ୧୧ବର୍ଷ ପୂରଣ ଅବସରରେ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନଡ୍ଡା କହିଛନ୍ତି ଯେ ସରକାର ଦେଶର ରାଜନୈତିକ ଦୃଶ୍ୟପଟକୁ ପରିବର୍ତ୍ତନ କରି ଏକ ନୂତନ ସ୍ୱାଭାବିକତା ସ୍ଥାପନ କରିଛନ୍ତି । ସେ କହିଛନ୍ତି ଏହା ଏକ ଜନ ନେତୃତ୍ୱାଧୀନ ସରକାର ଏବଂ ଏହା ସ୍ୱଚ୍ଛତାର ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଗତ ୧୧ ବର୍ଷ ମଧ୍ୟରେ ମୋଦୀ ସରକାର ବିକଶିତ ଭାରତର ମୂଳଦୁଆ ପକାଇଛି ।

**V/O (jp Nada)**

ଶ୍ରୀ ନଡ୍ଡା ଅଭିଯୋଗ କରିଛନ୍ତି ଯେ, ୨୦୧୪ ପୂର୍ବର ସରକାର ଦୁର୍ନୀତିରେ ଜଡିତ ଥିଲା । ଫଳରେ ସାରା ଦେଶରେ ଏକ ନକରାତ୍ମକ ପରିବେଶ ସୃଷ୍ଟି ହୋଇଥିଲା । ୨୦୧୪ ପରେ ଏଥିରେ ଦ୍ରୁତ ପରିବର୍ତ୍ତନ ହୋଇଛି ଏବଂ ଦେଶରେ ଅଭିବୃଦ୍ଧିର ଆଶା ଓ ଭାବନା ସୃଷ୍ଟି ହୋଇଛି ।

# ବିର୍ସାମୁଣ୍ଡା–ଡେଥ୍ ଆନିଭର୍ସରୀ

ଭଗବାନ ବିର୍ସା ମୁଣ୍ଡାଙ୍କ ଆଜି ୧୨୫ତମ ଶ୍ରାଦ୍ଧବାର୍ଷିକ ପାଳନ କରାଯାଉଛି । ବ୍ରିଟିଶ ଉପନିବେଶବାଦ ବିରୋଧରେ ଭଗବାନ ବିର୍ସା ମୁଣ୍ଡା ଆଦିବାସୀ ସଂପ୍ରଦାୟର ଅଧିକାର ଏବଂ ମର୍ଯ୍ୟାଦା ପାଇଁ ଲଢ଼େଇ କରି ଅମର ହୋଇ ରହିଛନ୍ତି । ବିର୍ସାମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫

ତାରିଖରେ ଝାଡ଼ଖଣ୍ଡର ଉଲିହାତୁରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରାରମ୍ଭିକ ଶିକ୍ଷା ଜର୍ମାନ ମିଶନ ସ୍କୁଲରେ ହୋଇଥିଲା । ଶିକ୍ଷା ମାଧ୍ୟମରେ ବ୍ରିଟିସରମାନେ ଆଦିବାସୀମାନଙ୍କ ଧର୍ମ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଥିବା ଅନୁଭବ କରି ବିର୍ସା ମୁଣ୍ଡା ଜର୍ମାନ ମିଶନ ସ୍କୁଲରୁ ପାଠପଢ଼ା ଛାଡି ଦେଇଥିଲେ । ଏହି ଅଭିଜ୍ଞତା ତାଙ୍କୁ ବିର୍‌ସାତ ନାମକ ଏକ ନୂତନ ବିଶ୍ୱାସ ପ୍ରତିଷ୍ଠା କରିବାକୁ ପ୍ରେରଣା ଦେଇଥିଲା । ଆଦିବାସୀ ସଂପ୍ରଦାୟ ଗୁଡ଼ିକୁ ସେମାନଙ୍କର ପାରମ୍ପରିକ ବିଶ୍ୱାସକୁ ଫେରିବା ଏବଂ ବ୍ରିଟିଶ ପ୍ରଭାବକୁ ପ୍ରତିରୋଧ କରିବାକୁ ଉତ୍ସାହିତ କରିଥିଲା । ବିର୍ସାମୁଣ୍ଡାଙ୍କ ନେତୃତ୍ୱରେ ଉଲ୍‌ଗୁଲାନ ଆନ୍ଦୋଳନ ଶୀର୍ଷରେ ପହଞ୍ଚିଥିଲା । ଉଲ୍‌ଗୁଲାନ ଆନ୍ଦୋଳନ ବ୍ରିଟିଶ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଜମିଦାରଙ୍କ ବିରୋଧରେ ଜମି ଏବଂ ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଆଦିବାସୀଙ୍କ ଅଧିକାର ପୁର୍ନସ୍ଥାପନ କରିବା ପାଇଁ ଏକ ସଂଘର୍ଷ ଥିଲା । ପ୍ରତିବର୍ଷ ନଭେମ୍ବର ୧୫ ତାରିଖକୁ ବିର୍ସାମୁଣ୍ଡାଙ୍କ ଜୀବନ ଏବଂ ସଂଘର୍ଷର ସ୍ମୃତିରେ ଜନଜାତୀୟ ଗୌରବ ଦିବସ ଭାବରେ ପାଳନ କରାଯାଏ । ଏହି ଦିନଟି ଆଦିବାସୀ ନେତାଙ୍କ ସେବା ଓ ବଳିଦାନକୁ ସମ୍ମାନ କରେ ଏବଂ ଆଧୁନିକ ଭାରତରେ ଆଦିବାସୀ ଓ ଅଧିକାରର ସୁରକ୍ଷାକୁ ପ୍ରୋତ୍ସାହିତ କରେ ।

## ଏଆଇଆଇଏ ଯୋଗ ଦିବସ

ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହର ଅଂଶବିଶେଷ ସ୍ୱରୂପ ଅଖିଳ ଭାରତୀୟ ଆର୍ୟୁବେଦ ସଂସ୍ଥାନ-AIIA ଆଜିଠାରୁ ଯୋଗ ସମାବେଶ ଶୀର୍ଷକ ଏକ ସ୍ୱତନ୍ତ୍ର ତିନିଦିନିଆ ଆଏଙ୍ଗର ଯୋଗ କର୍ମଶାଳା ଆୟୋଜନ କରିଛି । ଏହି କର୍ମଶାଳା ବୁଧବାର ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ଣ ୨ଟାରୁ ୩ଟା ପର୍ଯ୍ୟନ୍ତ ଚାଲିବ । ଲାଇଫ୍ ଯୋଗ ସେଣ୍ଟରର ପ୍ରସିଦ୍ଧ

ଯୋଗଶିକ୍ଷକ ଅମିତ ଶର୍ମାଙ୍କ ନେତୃତ୍ୱରେ ଏହି ଅଧିବେଶନ ଗୁଡ଼ିକ ଶରୀରର ସଂରକ୍ଷଣ କୌଶଳ ଏବଂ ମାନସିକ ସୁସ୍ଥତା ବୃଦ୍ଧି ଉପରେ ଧ୍ୟାନ ଦେବ । AIIA ସହ ଅନୁବନ୍ଧିତ ବିଦ୍ୱାନ ଏବଂ ଯୋଗ ଉତ୍ସାହିମାନଙ୍କ ପାଇଁ ଏହି କର୍ମଶାଳା ଖୋଲା ରହିଛି । ଆଗ୍ରହୀ ବ୍ୟକ୍ତିମାନେ  ଡକ୍ଟର ରାମବତାର ଶର୍ମାଙ୍କୁ dr.rsharma@aiia.gov.in ରେ ଇ-ମେଲ୍ କରି ନାମ ପଞ୍ଜିକରଣ କରିପାରିବେ ।

## ୟୁଏସ୍-ଚାଇନା ଟକ୍

ଆମେରିକା ଏବଂ ଚୀନ୍ ଆଜି ଲଣ୍ଡନଠାରେ ଉଭୟ ଦେଶ ମଧ୍ୟରେ ଦେଖାଦେଇଥିବା ବାଣିଜ୍ୟିକ ବିବାଦର ସମାଧାନ ପାଇଁ ଆଲୋଚନା କରିବେ । ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ ଯେ ଏକ ବରିଷ୍ଠ ଆମେରିକୀୟ ପ୍ରତିନିଧି ମଣ୍ଡଳୀ ଚୀନ୍ ପ୍ରତିନିଧି ମାନଙ୍କୁ ଭେଟିବେ, ଯାହାକୁ ଭେଜିଂ ନିଶ୍ଚିତ କରିଥିଲା । ଗତ ସପ୍ତାହରେ ଟ୍ରମ୍ପ ଏବଂ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଟେଲିଫୋନ ବାର୍ତ୍ତାଳାପ ପରେ ଏହି ଘୋଷଣା କରାଯାଇଥିଲା । ଗତ ମାସରେ ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ଆମେରିକା ଏବଂ ଚୀନ୍ ମଧ୍ୟରେ କାରବାର ହେଉଥିବା ସାମଗ୍ରୀ ଉପରେ ଆମଦାନୀ ଟିକସ ହ୍ରାସ ପାଇଁ ଏକ ଅସ୍ଥାୟୀ ଯୁଦ୍ଧବିରାମ ଲାଗି ରାଜି ହୋଇଥିଲେ । କିନ୍ତୁ ଏହାପରେ ଉଭୟ ଦେଶ ପରସ୍ପରକୁ ଏହି ଚୁକ୍ତି ଉଲ୍ଲଙ୍ଘନ କରିବାର ଅଭିଯୋଗ ଆଣିଛନ୍ତି ।

## ମୁମ୍ବାଇ-ଟ୍ରେନ୍ ଆକ୍ସିଡେଣ୍ଟ

ମୁମ୍ବାଇର ଥାନେରେ ଆଜି ସକାଳେ ଏକ ଟ୍ରେନ୍ ଦୁର୍ଘଟଣାରେ ୪ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାରେ ୧୩ଜଣ ଯାତ୍ରୀ ଆହତ

ହୋଇଥିବା ଳେବାଇ ପକ୍ଷରୁ ସୂଚନା ମିଳିଛି । କେନ୍ଦ୍ରୀୟ ରେଳବାଇର ସିପିଆର୍‌ଓ ସ୍ୱପ୍ନିଳ ନିଲାଙ୍କ ସୂଚନା ଅନୁଯାୟୀ ମୁମ୍ବ୍ରା ଏବଂ କାଲୱା ରେଳଷ୍ଟେସନ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି । କସରା ଯାଉଥିବା ଏକ ଲୋକାଲ ଟ୍ରେନ୍‌ର ଫୁଟ୍‌ବୋର୍ଡରେ ଯାତ୍ରା କରୁଥିବା ଯାତ୍ରୀମାନେ ଛତ୍ରପତି ଶିବାଜୀ ଟର୍ମିନସ୍ ଅଭିମୁଖେ ଯାଉଥିବା ଅନ୍ୟଏକ ଲୋକାଲ ଟ୍ରେନ୍ ସହିତ ଧକ୍କା ଖାଇଥିଲେ । ଫଳରେ ଅନେକ ଯାତ୍ରୀ ରେଳଟ୍ରାକ ଉପରେ ପଡିଯାଇଥିଲେ । ଘଟଣାର ତଦନ୍ତ ଜାରି ରହିଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

## ରେଖାଗୁପ୍ତା-ଏକ୍ ପେଡ୍ ମା କେ ନାମ

ଦିଲ୍ଲୀ ସରକାର ସହରର ପରିବେଶକୁ ଉନ୍ନତ କରିବା ପାଇଁ ଚଳିତ ବର୍ଷାଋତୁରେ ୭୦ଲକ୍ଷ ଗଛ ଲଗାଇବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା କହିଛନ୍ତି । ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ଆଜି ନୂଆଦିଲ୍ଲୀର ସାଲିମାବାଗ୍‌ରେ ଅବସ୍ଥିତ ଏକ ସରକାରୀ ବିଦ୍ୟାଳୟରେ ତାଙ୍କ ମା'ଙ୍କ ସ୍ମୃତିରେ ଏକ ସିନ୍ଦୂର ଗଛ ଲଗାଇଛନ୍ତି । ଏହି ଅବସରରେ ଶ୍ରୀମତୀ ଗୁପ୍ତା କହିଛନ୍ତି ଯେ ଦିଲ୍ଲୀ ଶିକ୍ଷାବିଭାଗ ଏବଂ ସ୍କୁଲଗୁଡ଼ିକ ଏକ ପେଡ୍ ମାଁ କେ ନାମ୍‌ର ଦ୍ୱିତୀୟ ସିରିଜ୍‌ରେ ଅଂଶଗ୍ରହଣ କରୁଛନ୍ତି । ପୂର୍ବ ସରକାର କେବେବି ଏହି ପ୍ରକଳ୍ପକୁ ଦିଲ୍ଲୀ ସରକାରଙ୍କ ପ୍ଲାଟଫର୍ମ ମାଧ୍ୟମରେ ଆଗକୁ ନେଇନଥିଲେ ବୋଲି ଶ୍ରୀ ଗୁପ୍ତା ଅଭିଯୋଗ କରିଛନ୍ତି ।

**V/O (Rekha Gupta)**

# ମାଇଁ ଗଭ୍-କଣ୍ଟେଷ୍ଟ

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ୧୧ବର୍ଷର ଉତ୍ସର୍ଗୀକୃତ ଶାସନ ଅବସରରେ ଭାରତ ସରକାରଙ୍କ ନାଗରିକ ଯୋଗଦାନ ପ୍ଲାଟଫର୍ମ ମାଇଁ ଗଭ୍‌ରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଏହି ଏକଦଶନ୍ଧି ମଧ୍ୟରେ ଭାରତ ଉନ୍ନତ ସଡ଼କପଥ ଏବଂ ସୁଦୃଢ଼ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାଠାରୁ ଆରମ୍ଭ କରି ସାର୍ବଜନୀନ ନାଗରିକ ସୁବିଧା, ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ଏବଂ ଡିଜିଟାଲ ଭିତ୍ତିଭୂମିର ସମ୍ପ୍ରସାରଣ ପର୍ଯ୍ୟନ୍ତ ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପରିବର୍ତ୍ତନର ସାକ୍ଷୀ ହୋଇଛି । ଏହି ପରିବର୍ତ୍ତନ ଗୁଡ଼ିକୁ ଅନୁପାଳନ ଏବଂ ଡକୁମେଣ୍ଟ କରିବା ପାଇଁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ, ମାଇଁ ଗଭ୍ ସହଯୋଗରେ ଦେଶର ସମସ୍ତ ନାଗରିକଙ୍କୁ 'ବଦଲତା ଭାରତ, ମେରା ଅନୁଭବ' - ବ୍ଲଗ ଲେଖା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରିଛି । ଗରିବ ଏବଂ ଅବହେଳିତଙ୍କ ସେବା, କୃଷକ କଲ୍ୟାଣ ସୁନିଶ୍ଚିତ କରିବା, ନାରୀଶକ୍ତି ପାଇଁ ନୂତନ ଗତି ଏବଂ ଏକହଜାରରୁ ୧୫ ଶହ ଶବ୍ଦ ମଧ୍ୟରେ ଇଂରାଜୀ ଓ ହିନ୍ଦୀରେ ଭାରତର ଅମୃତ ପୀଢ଼ିକୁ ସଶକ୍ତ କରିବା ଆଦି ବିଷୟ ଉପରେ ଆଲେଖ୍ୟ ଲେଖାଯାଇ ପାରିବ । ଏହାବ୍ୟତୀତ ବଦଲତା ଭାରତ, ମେରା ଅନୁଭବ ଉପରେ ଏକ ମିନି ଭ୍ଲଗ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି । ଏଥିରେ ନାଗରିକମାନେ ସେମାନଙ୍କ ଚର୍ତୁପାର୍ଶ୍ୱରେ ହୋଇଥିବା ଦୃଶ୍ୟମାନ ପ୍ରଭାବଶାଳୀ ପରିବର୍ତ୍ତନକୁ ଦର୍ଶାଇ ଦୁଇମିନିଟ୍‌ର ଭ୍ଲଗ ଦାଖଲ ମାଧ୍ୟମରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ।

'ଭାରତ କେ ବଢ଼ତେ କଦମ-ଏକ ଜନ ଭାଗିଦାରୀ' ଫଟୋ ପ୍ରତିଯୋଗିତାରେ ଲୋକମାନେ ଫଟୋ ସେୟାର କରିପାରିବେ । ଏଥିସହିତ 'ହର୍ ଘର୍ ସ୍ୱଦେଶୀ-ଏକ ରାଷ୍ଟ୍ର ଏକ ଆତ୍ମା' ଫଟୋ କାହାଣୀ ପ୍ରତିଯୋଗିତା ଏବଂ ଏକ ଭାରତ ପ୍ରଗତିଶୀଳ ଭାରତ - ଭିଡ଼ିଓ କାହାଣୀ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି । ଏହିସବୁ ପ୍ରତିଯୋଗିତାରେ ଭାଗନେବାର ଶେଷ ଦିବସ ଆସନ୍ତା ୨୦ ତାରିଖ ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **'ଶାରୀରିକ ଏବଂ ମାନସିକ ସୁସ୍ଥତା ପାଇଁ ଯୋଗ'** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଯୋଗ ବିଶେଷଜ୍ଞ ଡକ୍ଟର ସୁରକ୍ଷିତ ଗୋସ୍ୱାମୀ ଏବଂ କମଲ କିଶୋର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଏସ୍‌ସି-ଟିଏନ୍ ଫଣ୍ଡ

କେନ୍ଦ୍ରୀୟ ଶିକ୍ଷା ପାଣ୍ଠି ବନ୍ଦ କରିବା ଅଭିଯୋଗରେ କେନ୍ଦ୍ର ବିରୋଧରେ ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଆବେଦନର ଜରୁରୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଆଜି ମନା କରିଦେଇଛନ୍ତି । ୨୦୨୪-୨୫ ପାଇଁ ସମଗ୍ର ଶିକ୍ଷା ଯୋଜନା ଅଧୀନରେ କେନ୍ଦ୍ର ୨ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରିନଥିବା ଅଭିଯୋଗ କରି ତାମିଲନାଡୁ ସରକାର ସୁପ୍ରିମକୋର୍ଟରେ ଏହି ମାମଲା ରୁଜୁ କରିଥିଲେ । ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଏବଂ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହି ମାମଲାର ଜରୁରୀ ଶୁଣାଣି କରାଯିବାର କୌଣସି ଆବଶ୍ୟକତା ନାହିଁ । ଗ୍ରୀଷ୍ମ ଅବକାଶ ପରେ ଏହି ମାମଲାର ଶୁଣାଣି କରାଯାଇ ପାରିବ ।